# ଜିଲ୍ଲା କାର୍ଯ୍ୟାଳୟ, ଢେଙ୍କାନାଳ

(ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ)

ପତ୍ର ସଂଖ୍ୟା ୨୪୪ / ତାରିଖ ୨୭/୫/୨୦୧୮

ପ୍ରାପ୍ତେଷୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଢେଙ୍କାନାଳ

<u>ପ୍ରେସ୍ ବିଜ୍ଞପ୍ତି</u>

## ଢେଙ୍କାନାଳରେ ଜୁନ୍ ୧ ରୁ ପୁସ୍ତକମେଳା

ଜୁନ୍ ୧ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ଢେଙ୍କାନାଳ ମିନିଷ୍ଟାଡ଼ିୟମ୍‌ଠାରେ ହେବାକୁ ଥିବା ମହିମା ପୁସ୍ତକମେଳାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଜିଲ୍ଲା ସଂସ୍କୃତି ପରିଷଦ ଓ ଜିଲ୍ଲା ପ୍ରଶାସନ, ଢେଙ୍କାନାଳ ଦ୍ୱାରା ଆୟୋଜନ କରାଯାଉଥିବା ଏହି ମେଳା ପାଇଁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ପକ୍ଷରୁ ସହାୟତା ଯୋଗାଇ ଦିଆଯାଇଛି । ଏଥିରେ ଓଡ଼ିଶାର ୧୦ଟି ପ୍ରତିଷ୍ଠିତ ପ୍ରକାଶନ ସଂସ୍ଥା ଓ ୧୬ ଜଣ ପୁସ୍ତକ ବିକ୍ରେତା ଭାଗ ନେଉଛନ୍ତି । ଓଡ଼ିଆ ଭାଷା ସାହିତ୍ୟର ବହୁ ଉପାଦେୟ ଓ ସନାମଧନ୍ୟ ସାହିତ୍ୟିକମାନଙ୍କର ବହୁ ଉପାଦେୟ ପୁସ୍ତକ ସମେତ ଅନ୍ୟାନ୍ୟ ଭାଷାର ପୁସ୍ତକ ମଧ୍ୟ ପ୍ରଦର୍ଶିତ ହେବ । ଏହାଛଡ଼ା ବିଭିନ୍ନ ଆଧାତ୍ମିକ ଗୁରୁମାନଙ୍କ ଦ୍ୱାରା ରଚିତ ପୁସ୍ତକ ସମୂହର ପ୍ରକାଶନ ସଂସ୍ଥା ଜେ.କ୍ରିଷ୍ଣମୂର୍ତ୍ତି ଫାଉଣ୍ଡେସନ୍, ଶ୍ରୀ ଶ୍ରୀ ପ୍ରକାଶନ, ଓସୋ, ରାମକୃଷ୍ଣ ମିଶନ୍ ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଲୀଳା ଆଧାରିତ ପୁସ୍ତକ ପ୍ରକାଶନ ସଂସ୍ଥା "ଆମ ପ୍ରଣାମ" ଆଦି ଏଥିରେ ଭାଗ ନେଉଛନ୍ତି । ଛୋଟ ପିଲାମାନଙ୍କ ପାଇଁ ଶିକ୍ଷାଭିତ୍ତିକ ଖେଳ ଉପକରଣର ମଧ୍ୟ ସ୍ୱତନ୍ତ୍ର ଷ୍ଟଲ୍ ରହିଛି ।

ଜୁନ୍ ୧ ତାରିଖ ସଂଧ୍ୟା ୬ ଘଣ୍ଟା ସମୟରେ ମେଳା ଉଦ୍‌ଘାଟିତ ହେବ । ୨ ତାରିଖଠାରୁ ୮ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସଂଧ୍ୟାରେ ଓଡ଼ିଆ ଭାଷା ସାହିତ୍ୟ, ଧର୍ମ, ସାମାଜିକ କ୍ରାନ୍ତି, ନାରୀ ପ୍ରଗତି ଓ ଆଇନ୍ ସଂପର୍କିତ ବୌଦ୍ଧିକ ଆଲୋଚନା ଚକ୍ର ଅନୁଷ୍ଠିତ ହେବ । ଏଥିରେ ରାଜ୍ୟର ବହୁ ରାଜନେତା, ପ୍ରଶାସକ, ବୁଦ୍ଧିଜୀବୀ, ନ୍ୟାୟାଧିଶ, ସାହିତ୍ୟିକ, ଗବେଷକ ଓ ବାଗ୍ମୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହାଛଡ଼ା କବିତା ପାଠୋତ୍ସବ, ଖଞ୍ଜଣୀ ଭଜନ, କୁଇଜ୍ ପ୍ରତିଯୋଗିତା, ହାସ୍ୟକଥା ଓ କବିତାଆସର, ମ୍ୟାଜିକ୍ ସୋ ଏବଂ ଆଇନ୍ ସଂପର୍କିତ ସଚ୍ଚେତନତା କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ । ଏହି ମେଳାର ଅନ୍ୟତମ ଆକର୍ଷଣ ହେଉଛି ବୁକ୍ ବ୍ୟାଙ୍କ ।

ଏହି ମେଳାରେ ପୁସ୍ତକପ୍ରେମୀ ବହୁ ସଂଖ୍ୟାରେ ଯୋଗଦେଇ ନିଜ ପସନ୍ଦର ବହି ରିହାତି ମୂଲ୍ୟରେ କିଣିବା ସହ ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ପାଠକ ଆନ୍ଦୋଳନକୁ ସଫଳ କରିବା ପାଇଁ ଅନୁରୋଧ କରାଯାଇଛି ।

ଜିଲ୍ଲା ସଂସ୍କୃତି ଅଧିକାରୀ

ଢେଙ୍କାନାଳ